## ୪ ବଖରା ଜଳିଗଲା

ବୁଗୁଡ଼ା, (ଡି.ଏନ.ଏ)- ନିକଟସ୍ଥ ଜଙ୍ଗଲରେ ଲାଗିଥିବା ନିଆଁ ଝୁଲ ଉଡିଆସି ଚାଳ ଉପରେ ପଡିବାରୁ ବୁଗୁଡ଼ା ଥାନା କରତୁଲି ଗ୍ରାମ ଉପକଣ୍ଠସ୍ଥ ମୁଖ୍ୟ ସଡ଼କରେ ବାସ କରୁଥିବା ପ୍ରମୋଦ ପ୍ରଧାନ ଓ ଦ୍ୱିତୀକୃଷ୍ଣ ପ୍ରଧାନଙ୍କ ୨ ବଖରା ଲେଖାଏଁ ଘର ଶୁକ୍ରବାର ପୋଡ଼ିଯାଇଛି। ବୁଗୁଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ବି.କରଡ଼ାବାଡ଼ି ଆର୍‌ଆଇ କ୍ଷତିଗ୍ରସ୍ତ ପରିବାରକୁ ଜରି ପାଲ ଯୋଗାଇ ଦେଇଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବରିଷ୍ଠ ନାଗରିକ ମଞ୍ଚ ରେଳ ଷ୍ଟେଶନ୍ ପ୍ରବନ୍ଧକଙ୍କୁ ସ୍ମାରକପତ୍ର। ସ୍ଥାନ-ବ୍ରହ୍ମପୁର ରେଳ ଷ୍ଟେଶନ୍। ସମୟ -ପୂର୍ବାହ୍ନ ୧୧ଟା।
- କିଷାନ୍ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ। ସ୍ଥାନ-କମାପଲୀ ଛକ। ସମୟ-ପୂର୍ବାହ୍ନ ୧୦ଟା ୩୦।

## ସଂକ୍ଷେପରେ

### ବେଆଇନ ଚିପ୍‌ସ ଗାଡ଼ି ଜବତ, ଜଣେ ଗିରଫ

**ଆସିକା,୨୬।୨(ଡି.ଏନ୍.ଏ.)**-ଆସିକା ତହସିଲ ଅନ୍ତର୍ଗତ ଝଗଡ଼େଇ ନିକଟରୁ ବେଆଇନ ଭାବେ ଚିପ୍‌ସ ଚାଲାଣ କରୁଥିବା ଏକ ଗାଡି ଜବତ କରାଯାଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଝଗଡେଇ ସଂଲଗ୍ନ ମାମୁଡିହ ଗ୍ରାମର ଶିବ ପ୍ରସାଦ ପାଣି। ଏ ନେଇ ଆସିକା ଥାନାରେ ନଂ.୧୧୨/୨୧ରେ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଗତ ୧୭ ତାରିଖରେ ଆସିକା ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବ କର ରାଜସ୍ୱ ବିଭାଗ କର୍ମଚାରୀଙ୍କ ସହ ପାଟ୍ରୋଲିଂରେ ଯାଉଥିବା ବେଳେ ବେଆଇନ ଚିପ୍‌ସ ଚାଲାଣ ଦୃଷ୍ଟିକୁ ଆସିଥିଲା। ଆସିକା ତହସିଲରେ ପ୍ରଶିକ୍ଷଣରେ ଥିବା ଆଇଏଏସ ଅଧିକାରୀ ଆଦିତ୍ୟ ଗୋଏଲଙ୍କ ପକ୍ଷରୁ ଏ ନେଇ ଆସିକା ଥାନାରେ ଅଭିଯୋଗ ହୋଇଥିଲା।

### ଗ୍ରାମ୍ୟ ଜଙ୍ଗଲରେ ନିଆଁ

**ଦିଗପହଣ୍ଡି,୨୬।୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଳକ କରପଡ଼ା ଗ୍ରାମ ପଞ୍ଚାୟତ କୁଟବାଡପଲ୍ଲୀ ଗ୍ରାମ୍ୟଜଙ୍ଗଲ ନିକଟରେ ଥିବା ଦଣ୍ଡାସି ମଳିକଙ୍କ ପାଳଗଦା, ନଡାଗଡା ଓ ଏକ ଏକର ଶାଗୁଆନ୍ ବଗିଚା ଶୁକ୍ରବାର ଜଳିଯାଇଛି। ସେହିପରି ବନମାଳି ମଳିକ, ସାରଥି ମଳିକ ଓ ପଞ୍ଚାନନ ମଳିକଙ୍କ ଜମିରେ ଥିବା ବହୁ ସଂଖ୍ୟକ ଶାଗୁଆନ୍ ଗଛ ନିଆଁ ଲାଗି ନଷ୍ଟ ହୋଇଯାଇଛି। କରପଡା ସରପଞ୍ଚ ପ୍ରତିନିଧି ବିଶ୍ୱନାଥ ପ୍ରଧାନଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ତିନି ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ପ୍ରାୟ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ସରପଞ୍ଚ ପ୍ରତିନିଧି ସୂଚନା ଦେଇଛନ୍ତି।

### ଗଛରେ ପିଟିହେଲା କାର୍



**ଖଜୁରିପଡ଼ା/ ବଲସକୁମ୍ପା, ୨୬।୨ (ଡି.ଏନ.ଏ.)**- ଖଜୁରିପଡ଼ା ଥାନା ସମ୍ୱରଡେଗାଠାରେ ଶୁକ୍ରବାର ଏକ କାର ସର୍ଗି ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ବସିଥିବା ଆମ୍ୱଲାପଡ଼ାର ଉଦୟ ନାୟକ ଓ ଚାଳକ ଫୁଲବାଣୀ ସାହିର ରଞ୍ଜିତ କୁମାର୍ ଭୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗାଡ଼ି ଚାଳକଙ୍କ କହିବାନୁଯାୟୀ ସେମାନେ ଭୋଜି ଖାଇ ଖୋର୍ଦ୍ଧାରୁ ନିଜ ଘର ଫୁଲବାଣୀକୁ ଫେରିବା ବେଳେ ଦୁର୍ଘଟଣା ଘଟିଥିଲା। ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଏବଂ ପୋଲିସ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।

# ମହାନଗରରେ ଭାରତ ବନ୍ଦର ପ୍ରଭାବ

**ବ୍ରହ୍ମପୁର ଅଫିସ୍,୨୬।୨**

- ବିଭିନ୍ନ ସଂଗଠନ ପକ୍ଷରୁ ପିକେଟିଂ
- ପୋଷ୍ଟର ଚିରିଲେ ଯୁବ ଓ ଛାତ୍ର କଂଗ୍ରେସ
- ଅଟକି ରହିଲା ବସ୍,ଯାତ୍ରୀ ହନ୍ତସନ୍ତ



ଚାମ୍ବର ଅଫ୍ କମର୍ସ ପକ୍ଷର ବାଇକ୍ ରାଲି।



ବଡ଼ ବଜାର ଅଞ୍ଚଳରେ ରହିଥିବା ଦୋକାନ।

ଜିଏସ୍‌ଟି ସରଳୀକରଣ ଦାବିରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ବନ୍ଦ ଡାକରାକୁ ଶୁକ୍ରବାର ବ୍ରହ୍ମପୁର ମହାନଗରର ବିଭିନ୍ନ ବ୍ୟବସାୟ ସଂଗଠନ ପକ୍ଷରୁ ସମର୍ଥନ ମିଳିଛି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିବା ସହ ଅନେକ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ସିଟି ବସ୍‌ଷ୍ଟାଣ୍ଡରେ ସମସ୍ତ ଯାତ୍ରୀବାହୀ ବସ୍ ଅଟକି ରହିଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୋକାନ ବଜାରଗୁଡ଼ିକ ବନ୍ଦ ଥିବାରୁ ଯାତ୍ରୀମାନେ ଖାଇବାକୁ ପାଇ ନ ଥିଲେ। ଏହି ବନ୍ଦ ଡାକରାକୁ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ଓ ଜିଲା ଯୁବ ଏବଂ ଛାତ୍ର କଂଗ୍ରେସ ସମର୍ଥନ ଜଣାଇ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ସନ୍ଧ୍ୟାରେ ଚାମ୍ବର ଅଫ୍ କମର୍ସ ପକ୍ଷରୁ ପୁଣି ଥରେ ବାଇକ୍ ରାଲି କରାଯାଇଥିଲା। ଯେଉଁଥିରେ ସହରର ବିଭିନ୍ନ ବ୍ୟବସାୟୀ ସଂଘ ସାମିଲ ହୋଇଥିଲେ।

ପୂର୍ବାହ୍ନରେ ଚାମ୍ବର ଅଫ୍ କମର୍ସର ସଦସ୍ୟମାନେ ବାଇକ୍ ରାଲିକରି ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ, ବିଜିପୁର, ଟାଟାବେଞ୍ଚ, ବଡ଼ବଜାର ଓ ସାନ ବଜାର ଭଳି ବିଭିନ୍ନ ଅଞ୍ଚଳ ବୁଲି ଖୋଲା ଥିବା ଦୋକାନ ବଜାର ବନ୍ଦ କରିଥିଲେ। ଏଥିସହ ବିଭିନ୍ନ ବ୍ୟାଙ୍କକୁ ମଧ୍ୟ ବନ୍ଦ କରିଥିଲେ। ଏହି ରାଲିରେ ଟ୍ୟାକ୍ସ ବାର୍ ସଂଘ, ଆକାଉଣ୍ଟସ୍ ସଂଘ, ଆବଶ୍ୟକ ଅତ୍ୟାବଶ୍ୟକ ଓ ସ୍ୱଳ୍ପ ଆବଶ୍ୟକ ଦ୍ରବ୍ୟ ସଂଘ, ସୁନା ବ୍ୟବସାୟୀ, ଲୁଗା ବ୍ୟବସାୟୀ ସଂଘ ଓ ରାଜ୍ୟ ବ୍ୟବସାୟୀ ସଂଘ ସାମିଲ ହୋଇଥିଲେ। ଏଥିସହ ଜିଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀମାନେ ଏହି ବନ୍ଦ ଡାକରାରେ ସାମିଲ ହୋଇ ପେଟ୍ରୋଲ ପମ୍ପ ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ବନ୍ଦ କରିଥିଲେ। ଏଥିସହ ଛାତ୍ର ଓ ଯୁବ କଂଗ୍ରେସ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ କେନ୍ଦ୍ର ସରକାରଙ୍କ ଲାଗିଥିବା ପୋଷ୍ଟରଗୁଡ଼ିକୁ ଚିରି ହଟାଇଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଏସ୍‌ଟି ଲାଗୁ ହେବା ପରେ ଗୋଟିଏ ରାଷ୍ଟ୍ର ଗୋଟିଏ ଟିକସର ପ୍ରତିଶ୍ରୁତି ଦେଇ ଜିଏସ୍‌ଟି ସରଳୀକରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମୟକ୍ରମେ ଜିଏସ୍‌ଟିକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନିୟମ ପରିବର୍ତ୍ତନ କରାଯାଇଛି। ଯଦ୍ୱାରା ବ୍ୟବସାୟୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସଭାପତି ଇ.ଶିବ ପ୍ରସାଦ ରାଓ, ସମ୍ପାଦକ ଭି.ସନ୍ତୋଷ, ରାଜ୍ୟ ବ୍ୟବସାୟୀ ମହାସଂଘ ସଭାପତି ସି.ଏଚ୍.ରବୀନ୍ଦ୍ରନାଥ, ଉପସଭାପତି ଭି.ଭି.ରାମ ନରସିଂହ ଓ ଜିଲା ଯୁବ କଂଗ୍ରେସ ସଭାପତି ବିଜୟରାଜ ପାଣିଗ୍ରାହୀ, ଜିଲା ଛାତ୍ର କଂଗ୍ରେସ ସଭାପତି ପତିତପାବନ ଗନ୍ତାୟତଙ୍କ ସମେତ ରାଜୀବ ଖୁଣ୍ଟିଆ, ତତ୍‌ସତ୍ ସୁବୁଦ୍ଧି, ଆଶିଷ କୁମାର ସାହୁ, ମାନସ ରଞ୍ଜନ ସାହୁ, ଦୁର୍ଗା ପ୍ରସାଦ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଜଣେ ଯାତ୍ରୀ ମନ୍ଦାକିନୀ ପାତ୍ର କୁହନ୍ତି, ଭୋଜିରେ ଆସିକାରୁ ବ୍ରହ୍ମପୁରକୁ ଆସିଥିଲି, ଆସିକା ଫେରିବାର ଥିଲା। କିନ୍ତୁ ବନ୍ଦ ଯୋଗୁ ଯାଇପାରି ନାହିଁ। ମଧ୍ୟାହ୍ନ ୧୨ଟାରୁ ୩ଟା ଯାଏ ଅପେକ୍ଷା କରି ରହିଛି। କୌଣସି ବସ୍ ଯାତାୟାତ କରୁ ନାହିଁ। ଯାତ୍ରୀ କିଶୋର ତିର୍କୀ କୁହନ୍ତି, ଆନ୍ଧ୍ର ଯିବା ପାଇଁ ଝାଡ଼ଖଣ୍ଡରୁ ବ୍ରହ୍ମପୁରକୁ ଆସିଥିଲି। ବନ୍ଦ ବିଷୟରେ ଜାଣିଥିଲି। କିନ୍ତୁ ବସ୍ ସେବା ବନ୍ଦ ହେବ ବୋଲି ଜାଣି ନ ଥିଲି। ସେହିପରି ଯାତ୍ରୀ ଆନନ୍ଦ ତିର୍କୀଙ୍କୁ ପଚାରିବାରୁ ଦୋକାନ ବଜାର ବନ୍ଦ ଥିବାରୁ ଖାଇବାକୁ ମିଳିଲାନି। ଫଳରେ ଆହାର କେନ୍ଦ୍ରରୁ ମିଳିଥିବା ଖାଦ୍ୟ ଖାଇ ରହିଛୁ। ବନ୍ଦର ପ୍ରଭାବ ଏତେ ମାତ୍ରାରେ ରହିବ ବୋଲି ଜାଣି ନ ଥିଲି।

## ଆଇନଜୀବୀଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ

**ବ୍ରହ୍ମପୁର ଅଫିସ,୨୬।୨**

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିନେଇ ଗଞ୍ଜାମ ଓକିଲ ସଂଘ ତରଫରୁ ହେଉଥିବା ୪ ଦିନିଆ ସତ୍ୟାଗ୍ରହ ଆନ୍ଦୋଳନ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଧାରଣା ଦେଇଥିଲେ। ଦକ୍ଷିଣ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସରକାର ତୁରନ୍ତ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ଆଇନଜୀବୀମାନେ ଦାବି କରିଛନ୍ତି। ଏଥିରେ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ରାମକୃଷ୍ଣ ମହାରଣା, ଉପସଭାପତି ବସନ୍ତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଶ୍ରୀଧର ସାହୁ, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ମନୋଜ ପଟ୍ଟନାୟକ, ଶିଶିର ପାଢ଼ୀ, ପ୍ରଦୀପ ବେହେରା, ପୀତବାସ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଅକ୍ଷୟ ପଟ୍ଟନାୟକ, ବରୁଣ ଗୌଡ଼, ବଂଶୀଧର ପାଳ, ଅରୁଣ ବିଶ୍ୱାଳ, ହୀରକ ରଥ, ଆର.କେ. ଦେଓ, ବିଷ୍ଣୁ ସାମନ୍ତରା, ନୀଳ ତ୍ରିପାଠୀ, ବାପୁଜୀ ପଟ୍ଟନାୟକ, ରାମ ପଣ୍ଡା ଓ ରମେଶ ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଏଥିରେ ସାମିଲ ହୋଇଥିଲେ।

# ମିଳୁନି ସୁରାକ୍, ଅନୁଧ୍ୟାନ କଲେ ଏସ୍‌ପି

**ଆସିକା,୨୬।୨(ଡି.ଏନ.ଏ.)**

**ଜଙ୍ଗଲରୁ ୨ ମୃତଦେହ ଜବତ ଘଟଣା**



ଏସ୍‌ପି ଓ ପୋଲିସ ଅଧିକାରୀମାନେ ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।

ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢାକେନ୍ଦୁ ଜଙ୍ଗଲରୁ ପୋଲିସ ଗୁରୁବାର ମଧ୍ୟାହ୍ନରେ ୨ ଗଳିତ ମୃତଦେହ ଜବତ କରିଥିଲା। ଏହି ଘଟଣାର ଦିନକ ପରେ ବି ମୃତକଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୁରାକ ମିଳିପାରି ନାହିଁ। ଶୁକ୍ରବାର ଅପରାହ୍ନରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲିକ, ଭଞ୍ଜନଗର ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ସୋରଡା ଥାନା ଅଧିକାରୀ ରମେଶ ଚନ୍ଦ୍ର ପ୍ରଧାନ, ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାସ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ଗଛରେ ଝୁଲି ରହିଥିବା ଯୁବତୀଙ୍କ ମୃତଦେହ ଓ ଗଛତଳେ ଦରପୋଡ଼ା ଅବସ୍ଥାରେ ଥିବା ମୃତଦେହ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ ମେଡିକାଲ ଏଫଏମଟିକୁ ପଠାଯାଇଛି। ଦରପୋଡ଼ା ମୃତଦେହ ଯୁବତୀ କିମ୍ବା ଯୁବକଙ୍କର ଜାଣିବା ଲାଗି ଡିଏନ୍‌ଏ ଟେଷ୍ଟ ଲାଗି ପଠାଇବାକୁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଆଖପାଖ ଥାନା ଅଞ୍ଚଳରେ ଫଟୋ ଜାରି କରାଯାଇ ମୃତକଙ୍କ ସମ୍ପର୍କରେ ସୂଚନା ପାଇବା ଲାଗି ଉଦ୍ୟମ ଚାଲିଛି।

## ଘୁଷୁରି ମଡ଼କ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ

**ବ୍ରହ୍ମପୁର ଅଫିସ୍,୨୬।୨**

ବ୍ରହ୍ମପୁର ମହାନଗରରେ ଘୁଷୁରି ମଡ଼କ ସଂଖ୍ୟା ଥମୁ ନାହିଁ। ଯାହାକି ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସହରର ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ସଂଗ୍ରହ କରାଯାଉଥିବା ନମୁନା ଭୁବନେଶ୍ୱର ପଠାଯାଇଛି। ତେବେ ରିପୋର୍ଟରୁ ଆସିଥିବା ତଥ୍ୟକୁ ବର୍ତ୍ତମାନ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ସାହାଣା ରୋଗ ଯୋଗୁ ଘୁଷୁରିଗୁଡ଼ିକର ମୃତ୍ୟୁ ହୋଇଥିବା ଭୁବନେଶ୍ୱର ଲାବୋରେଟୋରିରୁ ତଥ୍ୟ ମିଳିଛି। କିନ୍ତୁ ଏହି ତଥ୍ୟ ସନ୍ଦେହ ଥିବା ବ୍ରହ୍ମପୁର ପ୍ରାଣୀ ଚିକିତ୍ସା କେନ୍ଦ୍ର ଡାକ୍ତର କିରଣ କୁମାର ବିଶୋୟୀ ସୂଚନା ଦେଇଛନ୍ତି। ଯଦ୍ୱାରା କୋଲକାତାକୁ ପଠାଯାଇଥିବା ନମୁନା ପରୀକ୍ଷା ରିପୋର୍ଟ ଆସିଲେ ଠିକ୍ ତଥ୍ୟ ମିଳିବ ବୋଲି ସେ କହିଛନ୍ତି।

## ଲାଇନମ୍ୟାନଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

**ବୁଗୁଡ଼ା,୨୬।୨(ଡି.ଏନ.ଏ.)**

ବୁଗୁଡ଼ା ଥାନା ବିରଞ୍ଚିପୁରର ବିଦ୍ୟୁତ୍ ଲାଇନମ୍ୟାନକୁ ମାରପିଟ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବି.କରଡ଼ାବାଡ଼ିର ରବୀନ୍ଦ୍ର ନାୟକ। ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ କାଳୀ ଚରଣ ବେହେରାଙ୍କ ଏତଲା କ୍ରମେ ନଂ. ୭୫/୨୧ରେ ମାମଲା ରୁଜୁ ହୋଇଛି। ବୁଗୁଡ଼ା ବିଦ୍ୟୁତ ସେକ୍ସନ୍ ଅଧୀନ ମହୁଲପଲ୍ଲୀରେ ଲାଇନମ୍ୟାନ ପ୍ରଦେଶ ପ୍ରସାଦ ନାୟକ ଗତ ବୁଧବାର କାର୍ଯ୍ୟ କରୁଥିଲେ। ସେଠାରେ ରବୀନ୍ଦ୍ର ବେଆଇନ ଭାବେ ୫୦୦ ମିଟରର ଏକ ବିଦ୍ୟୁତ୍ ତାର ସଂଯୋଗ କେନାଲ ଜମିରୁ ନିଜ ଚାଷଜମିକୁ ନେଇଥିଲେ। ଏ ନେଇ ଲାଇନମ୍ୟାନ୍ ସହକାରୀ ଯନ୍ତ୍ରୀକୁ ଜଣାଇଥିଲେ। ସହକାରୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରଦେଶ ଉକ୍ତ ବିଦ୍ୟୁତ ତାରକୁ ବାହାର କରିଦେବାରୁ ରବୀନ୍ଦ୍ର ତାଙ୍କୁ ମାଡ଼ ମାରିଥିଲେ।

# ପ୍ରମାଣ ଅଭାବରୁ ଜିପିଟିଏ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୬।୨**

**ଲାଞ୍ଚ ଗ୍ରହଣ ମାମଲା**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଶୁକ୍ରବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଆସ୍କା ବ୍ଲକର ତତ୍କାଳୀନ ଗ୍ରାମ ପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ(ଜିପିଟିଏ) ମେହେବୁବ ଆଲମ୍‌ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ଏକ କାମର ଫାଇନାଲ୍ ବିଲ୍ ପାସ୍ କରିବା ପାଇଁ ଜିପିଟିଏ ମେହେବୁବ ନାରାୟଣପୁରର ଗ୍ରାମ୍ୟ ଶ୍ରମିକ ନେତା (ଭିଏଲ୍‌ଏଲ୍) ଅକ୍ଷୟ କୁମାର ସାହୁଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅକ୍ଷୟ ୨୦୧୬ ଫେବୃୟାରୀ ୧୬ରେ ଆସ୍କା ବ୍ଲକ କାର୍ଯ୍ୟାଳୟକୁ ଯାଇ ଜିପିଟିଏ ମେହେବୁବଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ଦେବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ନଂ.୯/୧୬ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜିଲାପାଳ ଜିପିଟିଏଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ଶୁକ୍ରବାର ମାମଲାର ଶୁଣାଣି ବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ମହାନ୍ତି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାଶ ଓ ମୁଦାଲାଙ୍କ ତରଫରୁ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କୁକୁଡ଼ାଖଣ୍ଡି,୨୬।୨**

କୁକୁଡ଼ାଖଣ୍ଡି ବ୍ଲକ ଲାଠି ଗ୍ରାମରେ ମା' ବୁଢୀ ଠାକୁରାଣୀ ଯୁବକ ସଂଘ ତରଫରୁ ଚାଲିଥିବା ସହଦେବ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଦିଗପହଣ୍ଡି ଓ ଟାଟା କଲୋନୀ ମଧ୍ୟରେ ହୋଇଥିଲା। ଦିଗପହଣ୍ଡି ୩ ସେଟ୍‌ରେ ବିଜୟୀ ହୋଇଛି। ରନର୍ସଅପ୍ ଟାଟା କଲୋନୀକୁ ୧୦,୧୫୧ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରଞ୍ଜିତା ବିଶାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିଗପହଣ୍ଡି ଟିମ୍‌କୁ ୧୫,୫୫୫ଟଙ୍କା ସହ ଚାମ୍ପିୟନ୍ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଦର୍ଶନ ଦାସ, ସୀମାଞ୍ଚଳ ପାତ୍ର, ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବେଷ୍ଟ ନେଟର ଭାବେ ମଞ୍ଜୁଲୁ, ବେଷ୍ଟ ହିଟର ଭାବେ ଦାରିଙ୍ଗବାଡ଼ିର ଟିଙ୍କିରି ଓ ଦିଗପହଣ୍ଡିର କାଡାଙ୍କୁ ସମ୍ମାନିତ କରାଯାଇଥିଲା। ଯୁବକ ସଂଘ ସମ୍ପାଦକ ତପନ ପଣ୍ଡା, କିଟୁ ସୁଆର, ଶିଶିର କୁମାର ଦାସ ବୁଲୁ ଦାସ, ଜିତେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଦ୍ୱାରା ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଅଭିଯୁକ୍ତଙ୍କ ରକ୍ତଭିଜା କପଡ଼ା ଖୋଜୁଛି ପୋଲିସ

**ବ୍ରହ୍ମପୁର ଅଫିସ,୨୬।୨**

**ଯୁବକଙ୍କ ଗଳାକାଟି ହତ୍ୟା ଘଟଣା**

ସଦର ଥାନା ଅଞ୍ଚଳ ଲାଞ୍ଜିଆ କେନାଲରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ରାତି ହୋଇଥିବାରୁ ପୋଲିସ ତାଙ୍କ ମୃତଦେହ ପଞ୍ଚନାମା କରିପାରି ନ ଥିଲା। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ପୋଲିସ ନିଜଆଡ଼ୁ ମକଦ୍ଦମା ରୁଜୁ କରିଥିବା ବେଳେ ମାମଲା ନଂ ୪୮/୨୧ ଦଫା ୩୦୨/୨୦୧ ଆଇପିସିରେ ଶିବରାମ ଗୌଡ଼ଙ୍କୁ ଅଟକ ରଖି ଜେରା କରୁଥିବା କହିଛି। ଶିବରାମ ହତ୍ୟାରେ ବ୍ୟବହାର କରିଥିବା ରକ୍ତଭିଜା ବ୍ଲେଡ୍ ଜବତ ସହ ଘଟଣା ପରେ ସେ ପିନ୍ଧିଥିବା ଡ୍ରେସ୍ ଯାହାକି ରକ୍ତଭିଜା ଥିଲା ତାହାକୁ ଉକ୍ତ କେନାଲ ପାଣିରେ ଭସାଇ ଦେଇଥିବା ପୋଲିସ ନିକଟରେ କହିଛି। ପ୍ରାଥମିକ ତଦନ୍ତରୁ ଶିବରାମ ଗତ ବୁଧବାର ଏକ ଗାଁରେ ଚାଲିଥିବା ଭୋଜି ଖାଉଥିବା ବେଳେ ତାଙ୍କ ସମ୍ପର୍କୀୟ ଦାଦା ନରେନ୍ଦ୍ର ଗୌଡ଼ଙ୍କ ସହ ସେଠାରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ନରେନ୍ଦ୍ର ଖାଉଥିବା ଅଇଁଠା ଖଲି ଶିବରାମଙ୍କ ମୁହଁ ଉପରକୁ ଫୋପାଡ଼ି ଥିଲେ। ପ୍ରତିଶୋଧ ପରାୟଣ ହୋଇଥିବା ଶିବରାମ ବୁଧବାର ରାତି ପ୍ରାୟ ୧୧ଟା ବେଳେ ଏକ ବ୍ଲେଡ୍ କିଣି ନରେନ୍ଦ୍ରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କେନାଲ ନିକଟରେ ଛକି ରହିଥିଲେ। ନରେନ୍ଦ୍ର ରାତି ୧୨ଟାରେ ଘରକୁ ଫେରୁଥିବା ବେଳେ ନିକଟରେ ଥିବା ଏକ କେନାଲ ହୁଡ଼ାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଶିବରାମ ଧରିଥିବା ବ୍ଲେଡ୍‌ରେ ନରେନ୍ଦ୍ରଙ୍କ ଗଳା କାଟି ଦେଇଥିଲେ। ନରେନ୍ଦ୍ର ନାଳରେ ପଡ଼ିଯିବା ପରେ ସେ କାଳେ ବଞ୍ଚିଥିବ ଭାବି ଶିବରାମ ତାଙ୍କୁ ପାଣି ଭିତରେ ବୁଡ଼ାଇ ଦେଇଥିଲେ। ଶିବରାମଙ୍କ ଶରୀର ସାରା ରକ୍ତ ହୋଇଯାଇଥିବା ବେଳେ ସେ ପିନ୍ଧିଥିବା ଶାର୍ଟ ଓ ପ୍ୟାଣ୍ଟ ଉକ୍ତ ନାଳରେ ଫୋପାଡ଼ି ଦେଇଥିଲେ ଏବଂ ଗାଧୋଇ ଘରକୁ ଫେରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି।

# ରାଜ୍ୟ ଭିନ୍ନକ୍ଷମ କମିଶନରଙ୍କ ଗଜପତି ଗସ୍ତ



ବୈଠକରେ ଉପସ୍ଥିତ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି,୨୬।୨(ଡି.ଏନ୍.ଏ.)**

ଭିନ୍ନକ୍ଷମ ମାନଙ୍କ ଅଧିକାର ଓ ବିଭିନ୍ନ ଯୋଜନା ଉପରେ ଅଭିଯୋଗ ଶୁଣାଣୀ ଶିବିର ଗୁରୁବାର ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାଶ ଗଜପତି ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡି ସ୍ଥିତ ସିସିଡି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମମାନଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆୟୋଜିତ ଏକ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ। ଭିନ୍ନକ୍ଷମ ମାନଙ୍କ ଅଧିକାର ଓ ଅଧିନିୟମ-୨୦୧୬ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସହାୟତା ଉପରେ ଅଭିଯୋଗ ଶୁଣାଣି ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ କଲ୍ୟାଣି ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଭିନ୍ନକ୍ଷମ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସହାୟତାର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ମୁଖ୍ୟତଃ ଭିନ୍ନକ୍ଷମଙ୍କ ଭିତରେ ନିଜର ପ୍ରତିଭା ପ୍ରତିପାଦିତ କରିବାକୁ ସୁବିଧା ସୁଯୋଗ ଯୋଗାଇ ଦେବାର ଆବଶ୍ୟକତା ରହିଛି, ଏହା ହେଲେ ସେମାନଙ୍କ ଅଧିକାର ସୁନିଶ୍ଚିତ ହେବାସହ ସେମାନେ ସମ୍ମାନର ସହ ବଞ୍ଚି ପାରିବେ ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି କମିଶନର ଦାସ କହିଥିଲେ।

# ପୁନଃ ନିର୍ମାଣ ହେଉନି ପୁରିଆସାହି ସେଚ ପ୍ରକଳ୍ପ

**ବ୍ରହ୍ମପୁର ଅଫିସ,୨୬।୨**

**ତିତ୍‌ଲି ବାତ୍ୟାରେ ଧ୍ୱଂସ ହୋଇଯାଇଥିଲା**

ଗଞ୍ଜାମ ଜିଲା ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ପୁରିଆସାହି ଗ୍ରାମ ନିକଟରେ ୩୭ ବର୍ଷ ତଳେ ନିର୍ମାଣ ହୋଇଥିବା ପୁରିଆ ସାହି କ୍ଷୁଦ୍ର ଜଳସେଚନ ଯୋଜନା ୨୦୧୮ ଅକ୍ଟୋବର ୧୧ରେ ଘଟିଥିବା ସାମୁଦ୍ରିକ ବାତ୍ୟା ତିତ୍‌ଲିରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ଏହାର ଅଢ଼େଇ ବର୍ଷ ବିତିବାକୁ ଯାଉଛି ଏବଂ ଯୋଜନାର ପୁନଃ ନିର୍ମାଣ ଅଧାପନ୍ତରିଆ ରହିଛି।

ସୂଚନାଯୋଗ୍ୟ, ଗଜପତି ଜିଲା ମହେନ୍ଦ୍ରଗିରି ପର୍ବତରୁ ନିର୍ଗତ ଏକ ଝରଣା ପାଣିକୁ ଅଟକାଇ ପୁରିଆସାହି ଡ୍ୟାମ୍ ନିର୍ମିତ ହୋଇଥିଲା। ପାତ୍ରପୁର ବ୍ଲକ ଆନ୍ଧ୍ର ସୀମାନ୍ତରେ ରହିଛି। ତିତ୍‌ଲି ବାତ୍ୟା ଆନ୍ଧ୍ରର ପଲାସା ନିକଟରେ ଲ୍ୟାଣ୍ଡଫଲ କରିଥିଲା। ଏହାର ପ୍ରଭାବରେ ପୁରିଆ ସାହି ପ୍ରକଳ୍ପ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା।

ଏହି ଯୋଜନା ଦ୍ୱାରା ମରୁଡ଼ିଗ୍ରସ୍ତ ପାତ୍ରପୁର ବ୍ଲକର ୨୫ରୁ ୩୦ ଖଣ୍ଡ ଗ୍ରାମର ୮ ଶହରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିକୁ ଖରିଫ ଓ ରବି ଫସଲ ନିମନ୍ତେ ଜଳସେଚନ କରାଯାଉଥିଲା। ପୁନଃ ନିର୍ମାଣ ପାଇଁ ୨ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ସେଥିପାଇଁ ନିୟମ ପ୍ରକାରେ ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ତେବେ ପୁନଃ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ଏବଂ ସେଚ ବ୍ୟବସ୍ଥାରେ ସଙ୍କଟ ଦେଖାଦେଇଛି। ଡ୍ୟାମ ଅଧାପନ୍ତରିଆ ଥିବାରୁ ଝରଣା ପାଣିକୁ ଡାଇଭର୍ଟ କରାଯାଇ ଗତ ଖରିଫ ଋତୁରେ ମାତ୍ର ଅଳ୍ପ କେତେକ ହେକ୍ଟର ଜମିକୁ ସେଚ ସୁବିଧା କରାଯାଇଥିବା ଯୋଜନାର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା କୋଟିଏରୁ ଅଧିକ ଟଙ୍କା ବ୍ୟୟ ହୋଇ ସାରିଥିବା କୁହାଯାଇଛି। କେବେ ପୁନଃ ନିର୍ମାଣ କାର୍ଯ୍ୟ ସରିବ ତାହା ମଧ୍ୟ ଅନିଶ୍ଚିତତା ହୋଇଯାଇଛି।

ପୁରିଆ ସାହି ଯୋଜନା ପାଖରେ ଐତିହାସିକ ପର୍ଶୁରାମ କୁଣ୍ଡ ଥିଲା। କିମ୍ବଦନ୍ତୀ ଅନୁସାରେ ଭଗବାନ ପର୍ଶୁରାମ ସେଠାରେ ତପସ୍ୟା କରୁଥିଲେ। କୁଣ୍ଡ ପାଖରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଥିଲା। ତିତ୍‌ଲିରେ ତାହା ମଧ୍ୟ ଭାସି ଯାଇଥିଲା। କ୍ଷୁଦ୍ର ଜଳସେଚନ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଆଉ ଏକ ପଥର ମୂର୍ତ୍ତି କରାଯାଇ ଉଚ୍ଚ ସ୍ଥାନରେ ସ୍ଥାପନ କରାଯିବାର ପ୍ରସ୍ତାବ ରଖାଯାଇଛି। ଅପରପକ୍ଷରେ ପ୍ରାକୃତିକ ପରିବେଶ ମଧ୍ୟରେ ପୁରିଆ ସାହି ପ୍ରକଳ୍ପ ଓ ପର୍ଶୁରାମ କୁଣ୍ଡ ଥିବାରୁ ମିନି ପର୍ଯ୍ୟଟନସ୍ଥଳୀ ହୋଇଛି। ବିଭିନ୍ନ ସମୟରେ ପିକ୍‌ନିକ ପାଇଁ ଲୋକଙ୍କ ଭିଡ଼ ହେଉଥିଲା। ପ୍ରକଳ୍ପ ଧ୍ୱଂସ ହୋଇଯାଇଥିବାରୁ ୨୦୧୯ ଓ ୨୦୨୦ରେ ବନ୍ଦ ହୋଇଥିଲା। ଅସମ୍ପୂର୍ଣ୍ଣ ଯୋଜନାକୁ ଅବିଳମ୍ବେ ସମ୍ପୂର୍ଣ୍ଣ କରାଯିବା ଏବଂ ପୁରିଆ ସାହିକୁ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି।

## ମଇଁଷି ଚରାଳି ନିଖୋଜ

ଗୋପାଳପୁର,-ତୋତଡାପଲ୍ଲୀ ଗ୍ରାମର ମଇଁଷି ଚରାଳୀ ଜେ.ଧର୍ମା (୫୦) ନିଖୋଜ ହୋଇଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଧର୍ମା ତୁଲୁ ନିକଟସ୍ଥ ବେରେନ୍ଦା ବନ୍ଧ ନିକଟକୁ ମଇଁଷି ଚରେଇବା ପାଇଁ ଯାଇଥିଲେ। ସନ୍ଧ୍ୟା ଯାଏ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କର ବ୍ୟାଗ ଆଉ ବାଡ଼ି ସହ ପିନ୍ଧିଥିବା ଲୁଗାପଟା ବନ୍ଧ ନିକଟରୁ ପାଇଥିଲେ। ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କନିଷ୍ଠ ଏବଂ ବ୍ରହ୍ମପୁର ଅଗ୍ନିଶମ ବିଭାଗ ଦ୍ୱାରା ବନ୍ଧ ଭିତରେ ଖୋଜିଥିଲେ ମଧ ପାଇ ନଥିଲେ। ପରେ ଓଡ୍ରାଫ ଟିମ ବୋଟ ସହାୟତାରେ ଖୋଜିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନାହିଁ। ଘଟଣାସ୍ଥଳରେ କନିଷ୍ଠ ତହସିଲଦାର ତାପସ ରାଉତ, ଗୋଳନ୍ଥରା ଥାନାଧିକାରୀ ବାବୁଲି ନାଇକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩ କରୋନା ଆକ୍ରାନ୍ତ ଚିହ୍ନଟ

**ଫୁଲବାଣୀ ଅଫିସ, ୨୬।୨**-କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ଜିଲାକୁ କରୋନାମୁକ୍ତ ଭାବେ ଘୋଷଣା କରାଯାଇଥିଲା। ଶୁକ୍ରବାର ପ୍ରଶାସନ ପକ୍ଷରୁ ଜିଲାରେ ପୁଣି ୩ କରୋନା ରୋଗୀ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ତେବେ ଆକ୍ରାନ୍ତମାନେ କେଉଁଠୁ ଚିହ୍ନଟ ହୋଇଛନ୍ତି ସେ ନେଇ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଉ ନ ଥିବାରୁ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। କରୋନାମୁକ୍ତ ଘୋଷଣା କରାଯାଉଥିବାରୁ ଲୋକେ କୋଭିଡ ନିୟମ ମାନୁନାହାନ୍ତି। ପ୍ରଶାସନ କି ପୋଲିସ ପକ୍ଷରୁ ଏଥିପ୍ରତି କିଛି କଡା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥିତି ଅଣାୟତ ହେବା ଆଶଂକା ରହୁଛି।

### କନ୍ଧମାଳରେ ଭାରତ ବନ୍ଦ ଆଂଶିକ ସଫଳ

**ଫୁଲବାଣୀ ଅଫିସ, ୨୬।୨**-ସେବା ଓ ଦ୍ରବ୍ୟ କର(ଜିଏସ୍‌ଟି)କୁ ନେଇ ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦର ପ୍ରଭାବ କନ୍ଧମାଳ ଜିଲାରେ ଆଂଶିକ ସଫଳ ହୋଇଛି। ଫୁଲବାଣୀ ସହରରେ ପ୍ରମୁଖ ବ୍ୟବସାୟୀ ପ୍ରତିଷ୍ଠାନଗୁଡିକ ବନ୍ଦ ଥିବା ବେଳେ ଛୋଟ ଦୋକାନ ସବୁ ଖୋଲା ରହିଥିଲା। ବେସରକାରୀ ବସ୍ ଏବଂ ଅନ୍ୟ ଯାତ୍ରୀବାହୀ ଗାଡି ଚଳାଚଳ ବନ୍ଦ ରହିଥିଲା। ସରକାରୀ ବସ୍ ଚାଲିଥିଲା । ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରର ପ୍ରମୁଖ ଟ୍ରାଫିକ ପୋଷ୍ଟ ଏବଂ ଅନ୍ୟ କେତେକ ସ୍ଥାନରେ ଫୋର୍ସ ମୁତୟନ କରାଯାଇଥିଲା । କେନ୍ଦ୍ର ସରକାର ଜିଏସ୍‌ଟି ଆରମ୍ଭ କରିବା ଦିନଠାରୁ ବାରମ୍ବାର ଏହାକୁ ସଂଶୋଧନ କରି ଆସୁଛନ୍ତି। ଯାହାଫଳରେ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଏସ୍‌ଟିକୁ ସରଳୀକରଣ କରାଯାଉ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି।

### ୨୮ରେ ଭଞ୍ଜନଗର ଉପଖଣ୍ଡ ରାଜସ୍ୱ କ୍ରିକେଟ ଲିଗ୍

**ଭଞ୍ଜନଗର, ୨୬।୨(ଡି.ଏନ.ଏ.)**-ସରକାରୀ କର୍ମଚାରୀମାନେ ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ଭିତରେ ରହୁଛନ୍ତି। ଦିନକ ପାଇଁ ହେଉପଛେ ଏଥିରୁ ମୁକ୍ତି ସହ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବାକୁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ରାଜସ୍ୱ କ୍ରିକେଟ ଲିଗ୍ ଆୟୋଜନ କରାଯାଇଛି। ୨୮ ତାରିଖ ଦିନ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡ଼ିଆରେ ଏହା ଆୟୋଜିତ ହେବ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ତତ୍ତ୍ୱାବଧାନରେ ଏହା ହେଉଛି। ଏଥିରେ ଉପଖଣ୍ଡର ୮ ତହସିଲର ୮ ଟିମ୍ ଭାଗ ନେବେ। ପ୍ରତ୍ୟେକ ଟିମ୍‌ରେ ରାଜସ୍ୱ, ବ୍ଲକ, ଏନ୍ଏସି ଏବଂ ମହିଳା ଓ ସମନ୍ୱିତ ଶିଶୁ ବିକାଶ ବିଭାଗର କର୍ମଚାରୀ ରହିବେ। ଟୁର୍ଣ୍ଣାମେଣ୍ଟ ସଫଳ ପାଇଁ ଉପ ଜିଲାପାଳ ମିଞ୍ଜ ଶୁକ୍ରବାର ଅପରାହ୍ନରେ କଲେଜ ଖେଳପଡ଼ିଆ ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, କଲେଜ ଅଧ୍ୟକ୍ଷ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାଧାପକ ରାଜେନ୍ଦ୍ର କୁମାର ଦାସ, ଅଧାପକ ହରିଶ ଭଞ୍ଜର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

# ଜଳୁଛି ଉତ୍ତର ଘୁମୁସର ବନଖଣ୍ଡ, ବଢୁଛି ତାପମାତ୍ରା

**ଭଞ୍ଜନଗର, ୨୬।୨(ଡି.ଏନ୍.ଏ.)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜର ବିଭିନ୍ନ ସଂରକ୍ଷିତ ଶାଗୁଆନ ଓ ଶାଳ ଜଙ୍ଗଲ ଜଳୁଛି। ଏହାଦ୍ୱାରା ଶହଶହ ଏକର ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ଜଳିଯାଇଛି। ଶୁକ୍ରବାର ଅପରାହ୍ନରେ ମୁଜାଗଡ଼ ରେଞ୍ଜ ଗାଲେରୀ ସଂରକ୍ଷିତ ଜଙ୍ଗଲ ଭାଗ ନଂ.୩ ବୁଦୁଲି ନିକଟରେ ଥିବା ସଂରକ୍ଷିତ ଶାଗୁଆନ ଓ ଶାଳ ଜଙ୍ଗଲ ପୋଡ଼ିଯାଇଛି। ପ୍ରାୟ ୨୦ଏକର ଜଙ୍ଗଲରେ ନିଆଁ ଲାଗିଛି। ଏହାକୁ ଆୟତ କରିବାକୁ ବିଭାଗୀୟ କର୍ମଚାରୀ ଚେଷ୍ଟା ଚଳାଇଛନ୍ତି। ବନପାଳ ଠାରୁ ଆରମ୍ଭ କରି ଉଚ୍ଚ ପଦାଧିକାରୀମାନେ ଘଟଣା ସମୟରେ ସ୍ଥିତି ଅନୁଧ୍ୟାନ ପାଇଁ ଆସୁ ନଥିବାରୁ କର୍ମଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଜଙ୍ଗଲ ପୋଡ଼ିଦ୍ୱାରା ପରିବେଶ ବିଶେଷ ଭାବେ ପ୍ରଭାବିତ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ବୁଦୁଲି ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ୩ ସ୍ଥାନରେ ନିଆଁ ଲାଗିଥିଲା। ମୁଜାଗଡ଼ ରେଞ୍ଜ କର୍ମଚାରୀ ଓ ନିଆଁ ଲିଭାଇବାକୁ ଥିବା କର୍ମଚାରୀ ପହଞ୍ଚି ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛନ୍ତି।


ନିଆଁ ଲାଗି ପୋଡ଼ିଯାଇଥିବା ସଂରକ୍ଷିତ ଜଙ୍ଗଲ।

ଦୀର୍ଘ ସମୟ ଧରି ଏକର ଏକର ଜଙ୍ଗଲ ଜଳିବା ଦ୍ୱାରା ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ତାପମାତ୍ରା ବଢିଥିଲା। ଏଥିସହ ପ୍ରଥମସ୍ତର (ଛୋଟ) ଗଛଗୁଡିକ ୧୦୦ ପ୍ରତିଶତ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ବହୁ ଔଷଧୀୟ ବୃକ୍ଷ ରହିଛି। ଖାଦ୍ୟ ଅଭାବ ଯୋଗୁ ଜୀବଜନ୍ତୁ ଅନ୍ୟତ୍ର ଚାଲିଯାଉଥିବାବେଳେ ଆଉକିଛି ନିଆଁରେ ପୋଡ଼ି ଯାଉଛନ୍ତି। ଜଙ୍ଗଲର ଦ୍ୱିତୀୟ ସ୍ତରରେ ଥିବା ଗଛ ଯଥା ଅଁଳା, ବାହାଡ଼ା, କାଙ୍କୁ, ଶାହାଡ଼ା, ସୁନ୍ଦରଗଣ୍ଡି ପ୍ରମୁଖ ମୂଲ୍ୟବାନ ଗଛ କିଛି ପରିମାଣରେ ନଷ୍ଟ ହୋଇଛି। ତୃତୀୟ ସ୍ତରରେ ଥିବା ବଡ଼ବଡ଼ ଗଛ ଗୁଡ଼ିକ ହିଁ ରହିଛି। ମାଟିରେ ଝଡ଼ିଥିବା ମଞ୍ଜି ପୋଡ଼ିଯାଉଥିବାରୁ ପୁଣିଥରେ ଗଛ ହେବାକୁ ବହୁ ସମୟ ଲାଗିବ।

ଏନେଇ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜି କହିଛନ୍ତି, ଜଙ୍ଗଲରେ ନିଆଁ ଲାଗିଲେ ଲିଭାଇବା କଷ୍ଟସାଧ୍ୟ। ଜଙ୍ଗଲରେ ପାଣିର ଅଭାବ ରହିଛି, ତେଣୁ ଫାୟାର ଲାଇନ କଟାଯାଉଛି। ବାଲି ପକାଇ କିମ୍ବା କଞ୍ଚା ଡ଼ାଳରେ ବାଡ଼େଇ ନିଆଁକୁ ଲିଭାଇବାକୁ ଚେଷ୍ଟା କରାଯାଉଛି। ପାହାଡ଼ ଉପରେ ବଡ଼ ଗଛରେ ନିଆଁ ଲାଗିଗଲେ ଲିଭାଇବା ବହୁତ କଷ୍ଟକର କାମ। ତଥାପି ବିଭାଗୀୟ କର୍ମଚାରୀମାନେ ସୂଚନା ପାଇବା ମାତ୍ରେ ନିୟନ୍ତ୍ରଣ ପାଇଁ ଚେଷ୍ଟା କରୁଛନ୍ତି।

# ୨ ବେସାହାରା ଶିଶୁଙ୍କୁ ଉଦ୍ଧାର କଲା ଜିଲା ପ୍ରଶାସନ

- ମା'ଙ୍କୁ ହତ୍ୟା କରି ଜେଲରେ ବାପା
- ତାମିଲନାଡୁ ଯାଇ ଆଣିଲେ ଜେଜେବାପା

**ପାରଳାଖେମୁଣ୍ଡି, ୨୬।୨(ଡି.ଏନ୍.ଏ.)**

ଗଜପତି ଜିଲା ପ୍ରଶାସନ ମୋହନା ଅଞ୍ଚଳର ୨ଜଣ ବେସାହାରା ଶିଶୁଙ୍କୁ ତାମିଲନାଡୁରୁ ଉଦ୍ଧାର କରିଛି। ଉଦ୍ଧାର ଶିଶୁଙ୍କୁ ପୋଲିସ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି। ମା'ଙ୍କୁ ହତ୍ୟା କରି ବାପା ଜେଲରେ ଥିବାରୁ ଜେଜେବାପାଙ୍କୁ ୨ ଶିଶୁଙ୍କୁ ହସ୍ତାନ୍ତର କରାଯିବ କି ନାହିଁ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ନିର୍ଦ୍ଦେଶ ନେବେ ବୋଲି ଜଣାପଡିଛି।

ଗଜପତି ଜିଲା ମୋହନା ଭାଲିଆସାହିର ସୁଦର୍ଶନ ନାୟକ କାମଧନ୍ଦା ଅନ୍ୱେଷଣରେ ପରିବାର ସହ ତାମିଲନାଡୁ ଚାଲିଯାଇଥିଲେ। ତାମିଲନାଡୁ କୋଏମ୍ବଟୁରଠାରେ ରହି କାମଧନ୍ଦା କରୁଥିଲେ। ୨ ପୁଅ ଓ ସ୍ତ୍ରୀଙ୍କୁ ନେଇ ସୁରୁଖୁରୁରେ ପରିବାର ଚାଲୁଥିଲା। ମାତ୍ର ପାରିବାରିକ କଳହକୁ ନେଇ ସୁଦର୍ଶନ ସ୍ତ୍ରୀଙ୍କୁ ହତ୍ୟା କରିବା ସହ ସେଠିକାର ଜଣେ ଯୁବକଙ୍କୁ ଆକ୍ରମଣ କରି ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇବା ପରେ ବେସାହାରା ହୋଇ ଯାଇଥିଲେ ୬ବର୍ଷ ଓ ୩ବର୍ଷର ୨ ପୁଅ। ମା' ବାପାଙ୍କୁ ଝୁରି ଝୁରି ଖାଦ୍ୟବି ଠିକ୍‌ରେ ଖାଇଲେ ନାହିଁ। ଉଭୟ ସେଠାରେ ଏକ ଅନାଥ ଆଶ୍ରମରେ ରହିଥିଲେ। ସେମାନଙ୍କ ଜେଜେବାପା କରନା ନାୟକ ଘଟଣା ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇଥିଲେ। ଗଜପତି ଜିଲା ପ୍ରସାଶନ, ପୋଲିସ, ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ସହଯୋଗରେ ଏକ ୪ଜଣିଆ ଟିମ୍ ୨ ଶିଶୁଙ୍କୁ ଜେଜେବାପାଙ୍କୁ ନେଇ କୋଏମ୍ବଟରୁ ଯାଇ ଉଭୟଙ୍କୁ ଉଦ୍ଧାର କରି ଆଣି ଶୁକ୍ରବାର ସକାଳେ ପାରଳାଖେମୁଣ୍ଡିରେ ପହଞ୍ଚିଛନ୍ତି।

# ଲବଣ ଚାଷଜମି ପଡ଼ିଆ

**ବିଧାନସଭାରେ ପ୍ରଶ୍ନ କଲେ ଛତ୍ରପୁର ବିଧାୟକ**

**ଛତ୍ରପୁର, ୨୬।୨ (ଡି.ଏନ.ଏ.)**

ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧୀନ ଗଞ୍ଜାମ ବ୍ଲକର ହୁମ୍ମା ଠାରେ ଲୁଣ ଚାଷ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ଏହାଫଳରେ ହଜାର ହଜାର ଲୁଣ ଚାଷୀ ଜୀବିକା ହରାଇଛନ୍ତି। ଲୁଣ ଚାଷ ପାଇଁ ଉଦ୍ଦିଷ୍ଟ ଶତାଧିକ ଏକର ଜମି ପଡିଆ ପଡିଛି । ଏହି ଚାଷ ପୁନଃ ଆରମ୍ଭ ପାଇଁ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଶୁକ୍ରବାର ବିଧାନସଭାରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ, ହୁମ୍ମାଠାରେ ଥିବା ହୁମ୍ମା ଓ ବିଞ୍ଚଣାପଲ୍ଲୀ ସଲ୍ଟ ପ୍ରଡକ୍ସନ ଓ ସେଲ୍ସ ସମବାୟ ସମିତିକୁ ରାଜସ୍ଥାନ ଜୟପୁରସ୍ଥିତ ଭାରତ ସରକାରଙ୍କ ସଲ୍ଟ କମିଶନର ଲବଣ ଚାଷ ପାଇଁ ୭୨୯.୬୯୪ ଏକର ଜମି ଲିଜ୍ ସୂତ୍ରରେ ୧୯୯୧ ଫେବୃୟାରୀ ୧ ତାରିଖରୁ ୨୫ ବର୍ଷ ଯାଏଁ ପ୍ରଦାନ କରିଥିଲେ । ମାତ୍ର ୨୦୧୦-୧୧ ଠାରୁ ୨୦୧୪-୧୫ ମଧ୍ୟରେ ଲବଣ ଚାଷୀମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅହେତୁକ ଭାବେ ବୃଦ୍ଧି କରାଯାଇଥିବା ଗ୍ରାଉଣ୍ଡ ରେଣ୍ଟ ଓ ଏସାଇନମେଣ୍ଟ ଫି ଜମା ନ କରିପାରିବାରୁ ସଲ୍ଟ କମିଶନର ୨୦୧୪ ସେପ୍ଟେମ୍ବର ୧୬ ତାରିଖରୁ ଉକ୍ତ ଲିଜ୍‌କୁ ରଦ୍ଦ କରିବା ସହ ଲିଜ୍ ନବୀକରଣ ପ୍ରସ୍ତାବକୁ ମଧ୍ୟ ଅଗ୍ରାହ୍ୟ କରି ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ବହୁବାର ଅବଗତ କରିବା ସତ୍ତ୍ୱେ ବର୍ଦ୍ଧିତ ଗ୍ରାଉଣ୍ଡ ରେଣ୍ଟ ଓ ଏସାଇନମେଣ୍ଟ ଫି ହ୍ରାସ ହୋଇ ନ ଥିବା ମନ୍ତ୍ରୀ ଉତ୍ତର ରଖିଥିଲେ। କେନ୍ଦ୍ର ସରକାର ତାଙ୍କ ମାଲିକାନା ସତ୍ତ୍ୱରେ ଥିବା ହୁମ୍ମା ଅଞ୍ଚଳର ଲବଣ ଚାଷ ଜମି ସମେତ ରାଜ୍ୟର ଅନ୍ୟ ଲବଣ ଚାଷ ଜମିର ଲିଜ୍ ପରିଚାଳନା ଦାୟିତ୍ୱ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ନିକଟ ଅତୀତରେ ପ୍ରସ୍ତାବ ଦେବା ସହ ରାଜ୍ୟ ସରକାରଙ୍କ ମତାମତ ଚାହିଁଥିଲେ। ମାତ୍ର ରାଜ୍ୟ ସରକାର ଲବଣ ଜମିର ଲିଜ୍ ପରିଚାଳନା ପରିବର୍ତ୍ତେ ଏହାର ମାଲିକାନା ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଥିଲେ । ଏ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଚୂଡାନ୍ତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## କାଶୀନଗରରେ ମାସ୍କ ଯାଞ୍ଚ

**କାଶୀନଗର, ୨୬।୨(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ପୋଲିସ ତରଫରୁ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଛକରେ ଶୁକ୍ରବାର ମାସ୍କ ଓ ଏମ୍‌ଭି ଚେକିଂକୁ ଜୋରଦାର କରାଯାଇଛି। ଗତ ୨୪ ତାରିଖରେ ଏନଏସି ତରଫରୁ କରୋନା ଜନିତ କଟକଣା ନେଇ ସଚେତନ କରାଯିବା ପରେ ଅମାନିଆ ସାବାଡ଼ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଆଇଆଇସି ସୁଶାନ୍ତ ସାହୁ କହିଥିଲେ। ଆଇଆଇସି ଆହୁରି ମଧ କହିଛନ୍ତି ଯେ, ରୂପାନ୍ତରିତ ଭାବେ କରୋନା ଫେରିଥିବାରୁ ତାକୁ ରୋକିବା ଲାଗି ପ୍ରଶାସନିକ ନିର୍ଦ୍ଦେଶକ୍ରମେ କଟକଣା ଲାଗୁ ହୋଇଛି।

# ତାରାତାରିଣୀ ପୀଠରେ ବିଶ୍ରାମ ଗୃହ ଉଦ୍‌ଘାଟିତ


ବିଶ୍ରାମ ଗୃହ ଉଦ୍‌ଘାଟନ କରୁଛନ୍ତି ଅତିଥିମାନେ।

**ଶେରଗଡ଼, ୨୬।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଡାକରଡ଼ା ପଞ୍ଚାୟତର ପଞ୍ଚୁଆଣି ନିକଟ ପାକିଡି ପାହାଡ଼ରେ ରହିଛନ୍ତି ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଣି। ପୀଠରେ ମନ୍ଦିର ନିର୍ମାଣ କାମ ସରିଥିବାବେଳେ ରାସ୍ତାକାମ ମଧ ପ୍ରାୟ ସରିଆସିଲାଣି। ଦୀର୍ଘଦିନ ହେଲା ଏହି ପୀଠକୁ ଇକୋ ଟୁରିଜିମ୍‌ରେ ସାମିଲ ପାଇଁ ଦାବି ହେଉଛି। ଗୁରୁବାର ପାହାଡ ଉପରେ ଶ୍ରଦ୍ଧାଳୁଙ୍କ ପାଇଁ ଏକ ବିଶ୍ରାମାଗୃହ ଉଦ୍‌ଘାଟନ କରାଯାଇଛି। ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଓ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନ ଉପସ୍ଥିତ ରହି ଏହି ଗୃହକୁ ଉଦ୍‌ଘାଟନ କରିଛନ୍ତି। ଶେରଗଡ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ, ପାଟପୁର ଥାନା ଅଧିକାରୀ ଅଜୟ କୁମାର ବାରିକ, ଦେବକାନ୍ତ ଶର୍ମା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୀଠକୁ ତୁରନ୍ତ ସରକାର ଇକୋ ଟୁରିଜମ୍ ମାନ୍ୟତା ସହ ବିକାଶ ଦିଗରେ ଦୃଷ୍ଟି ଦେବାକୁ ଆଇନଜୀବୀ ରବୀନ୍ଦ୍ରନାଥ ଶର୍ମା, ଯନ୍ତ୍ରୀ ସଚ୍ଚିଦାନନ୍ଦ ରାଉତ, ପର୍ଶୁରାମ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ସେନାପଡ଼ି ପ୍ରାଥମିକ ବିଦ୍ୟାଳୟ ବନ୍ଦକୁ ବିରୋଧ

**ବାଲିଗୁଡ଼ା, ୨୬।୨(ଡି.ଏନ୍.ଏ.)**

ବାଲିଗୁଡ଼ା ବ୍ଲକ୍ ସେନାପଡ଼ି ପ୍ରାଥମିକ ବିଦ୍ୟାଳୟ ବନ୍ଦକୁ ଅଭିଭାବକ ଓ ଗ୍ରାମବାସୀ ବିରୋଧ କରିଛନ୍ତି। ବିଦ୍ୟାଳୟ ଖୋଲିବା ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ କୌଣସି ସୁଫଳ ନମିଳିବାରୁ ଶୁକ୍ରବାର ପୁଣି ଛାତ୍ରୀଛାତ୍ରଙ୍କୁ ସାଥିରେ ନେଇ ଅଭିଭାବକ ଓ ଗ୍ରାମବାସୀ ବାଲିଗୁଡ଼ା ବିଡିଓଙ୍କୁ ଭେଟିଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଅଭିଭାବକ ଓ ଗ୍ରାମବାସୀ।

ସେନାପଡ଼ି ସ୍କୁଲରେ ଗତବର୍ଷ ୧୩ଜଣ ଛାତ୍ରୀଛାତ୍ର ଥିବାରୁ ସରକାରଙ୍କ ନିୟମ ଅନୁଯାୟୀ ଏହାକୁ ବନ୍ଦ କରିଦିଆଯାଇଛି। ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ


ବିଡିଓଙ୍କୁ ଭେଟିବାକୁ ଆସିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ।

**ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ**

ମିଡ଼ିଆକିଆ ପଞ୍ଚାୟତ ନୂଆସାହି ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ଚଳିତବର୍ଷ ସେହି ଗ୍ରାମର ଆଉ ୧୦ଜଣ ଛାତ୍ରୀଛାତ୍ର ନାମ ଲେଖାଇବାକୁ ଥିବାବେଳେ ସ୍କୁଲ ବନ୍ଦ ଯୋଗୁ ଲେଖାଇ ପାରିନାହାନ୍ତି। ଅନ୍ୟପଟେ ନୂଆସାହି ପ୍ରାଥମିକ ବିଦ୍ୟାଳୟ ୫କିମି ଦୂରରେ ଥିବାରୁ ଛୋଟ ପିଲାମାନେ ସେଠାକୁ ଚାଲିଚାଲି ଯିବା ସମ୍ଭବ ନୁହେଁ ବୋଲି କହିଛନ୍ତି ସଭାପତି ସରୋଜ ମଳିକ। ଏଣୁ ପ୍ରଶାସନ ବନ୍ଦ ନିଷ୍ପତିର ପୁର୍ନବିଚାର କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ଘଟଣାର ଅନୁଧ୍ୟାନ କରାଯିବ ଏବଂ ଏହାର ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବାଲିଗୁଡ଼ା ବିଡ଼ିଓ ଜଗଦୀଶ ଷଡ଼ଙ୍ଗୀ କହିଛନ୍ତି।

## ଟେନିସ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ, ବାପୁଜୀ ସିକ୍ସ ଚାମ୍ପିୟନ

**ଗଞ୍ଜାମ, ୨୬।୨(ଡି.ଏନ.ଏ.)**

ଗଞ୍ଜାମ ସହର କରଣ ସାହି ଚାପବନ୍ଧରେ ରମେଶ ମେମୋରିଆଲ କ୍ଲବ ପକ୍ଷରୁ ଚାଲିଥିବା ଟେନିସ୍ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭାରତୀ ୟୁଥ କ୍ଲବ ଓ ବାପୁଜୀ ସିକ୍ସ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ୫ ଟି ସେଟରୁ ବାପୁଜୀ ସିକ୍ସ ଲଗାତାର ତିନୋଟି ସେଟ ଜିତି ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ସମ୍ମାନିତ ଅତିଥି ରାକେଶ ରଞ୍ଜନ ଦାସ, ସୁରେନ୍ଦ୍ର ବାରିକି, ବିଜେଡି ଯୁବନେତା ମନୋଜ ପ୍ରଧାନ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ତିମ ମ୍ୟାଚକୁ ବିଖୁ, ପ୍ରେମା ଓ କାହ୍ନା ପ୍ରମୁଖ ପରିଚାଳନା କରିଥିଲେ।

# ଏମ୍‌କେସିସି ସମରଝୋଲ ବିଜୟୀ

**ବାଳାନନ୍ଦ ସାବତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ହିଞ୍ଜିଳିକାଟୁ, ୨୬।୨(ଡ଼ି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ସାପୁଆପଲ୍ଲୀଠାରେ ବାଳାନନ୍ଦ ସାବତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଏନ୍. ରଘୁନାଥ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ବ୍ଲକ କୃଷକ ପରାମର୍ଶ କମିଟି ଅଧ୍ୟକ୍ଷ ଏ. ସୁଦର୍ଶନ, ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଏମ୍‌କେସିସି ସମରଝୋଲ ୪ ଉଇକେଟରେ ବ୍ରହ୍ମପୁରର କେସି-୧୧କୁ ପରାସ୍ତ କରିଛି। ଟସ୍ ଜିତି କେସି-୧୧ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬୬ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌କେସିସି ସମରଝୋଲ ୬ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗହ କରିଥିଲା। ମ୍ୟାଚକୁ ବିନୋଦ ସାବତ, ଗୋପାଳ ସାବତ, ବିଜୟ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ବ୍ୟବସାୟୀ ସଂଘ ପକ୍ଷରୁ ବନ୍ଦ ପାଳନ ଓ ସ୍ମାରକପତ୍ର ପ୍ରଦାନ


















